ପାଠ - ୨

# ବସ୍ତୁରୁ ଆକୃତି ଜାଣିବା




5EIJP8

ବାପାଙ୍କ ସହିତ ଲିଜା ଓ ରୋଜି ସର୍କସ ଖେଳ ଦେଖିବାକୁ ଗଲେ । ଟିକେଟ କାଟି ଖେଳ ଦେଖିଲେ । ସର୍କସରେ ହାତୀ ବଲ୍ ଖେଳୁଥିଲା । ବଲ୍‌ର ଆକୃତି ଗୋଲ । ବଲ୍ ପରି ଗୋଲ ବସ୍ତୁମାନଙ୍କର ନାମ ଲେଖ ।



ଏହି ପ୍ରକାର ବସ୍ତୁକୁ **ଗୋଲକ** କୁହାଯାଏ ।

ବାପା କହିଲେ, ଭାଲୁ ଦୁଇ ହାତରେ କ'ଣ କ'ଣ ଧରିଛି ଦେଖ ।



ଚିତ୍ରରେ ଥିବା ଆକୃତିର ବସ୍ତୁକୁ **ସିଲିଣ୍ଡର** କୁହାଯାଏ । ତୁମେ ଏହିପରି ଆକୃତିର ଯେଉଁ ଜିନିଷ ଦେଖୁଛ ତାର ତାଲିକା କର ।

ରୁଲବାଡ଼ି ସିଲିଣ୍ଡର ଆକୃତିର ।

ହଠାତ୍ ରୋଜି କହିଲା, "ବାପା, ଦେଖ କୁକୁର କିପରି ବାକ୍ସ ଉପରେ ବସି ଆଇସ୍‌କ୍ରିମ୍ ଖାଉଛି" ।

ବାପା କହିଲେ,- "କୁକୁର ଯେଉଁ ବାକ୍ସ ଉପରେ ବସିଛି ତାହା ହେଉଛି ଆୟତଘନ ଆକୃତିର" ।

ବାକ୍ସ ପରି ଆୟତଘନ ଆକୃତି ବିଶିଷ୍ଟ ବସ୍ତୁଗୁଡ଼ିକର ତାଲିକା କର ।



ଏହାର କେତୋଟି ପାଖ ଅଛି ଦେଖ । ସେଗୁଡ଼ିକୁ ଗଣ ।

**ଆୟତଘନର ଛଅଟି ପାଖ ଅଛି ।**

ବାପା - ପାରା କ'ଣ କରୁଛି ଦେଖ ।

ରୋଜି - ବାପା, ପାରା ଲୁଡୁ ଖେଳୁଛି । ପାରା କ'ଣ ଆମ ପରି ଲୁଡୁ ଖେଳିପାରିବ ?

ବାପା - ହଁ, ପାରା ଲୁଡୁ ଖେଳିପାରିବ । ସେ ଲୁଡୁ ଗୋଟିକୁ ଦେଖ ।

ଆୟତଘନ ପରି ଏହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ଅଛି । ଲୁଡୁ ଗୋଟିଟିଏ ନେଇ ଏହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାକୁ ମାପ । କ'ଣ ପାଇଲ କହ ।

ରୋଜି - ଏହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ସମାନ ।

ବାପା - ହଁ, ତୁ ଠିକ୍ କହିଛୁ ।

**ଯେଉଁ ଘନବସ୍ତୁର ଧାରମାନଙ୍କର ଦୈର୍ଘ୍ୟ ସମାନ ତାହାକୁ ସମଘନ କୁହାଯାଏ ।**

ଲିଜା - ହଁ, ତା ହେଲେ ଲୁଡୁଗୋଟି ଗୋଟିଏ ସମଘନ ।

ତୁମେ କେତେଗୋଟି ସମଘନାକାର ବସ୍ତୁର ନାମ ଲେଖ ।



ବାପା – ହେଇ ଦେଖ, ଆଉ ଗୋଟିଏ ଜୋକର ହାତୀ ପାଖକୁ ଯାଇ ତାକୁ ଶୁଣ୍ଢ ଟେକିବାକୁ କହୁଛି ।

ରୋଜି – ବାପା, ସେ କ'ଣ ଗୋଟିଏ ଲମ୍ବା ଟୋପି ପିନ୍ଧିଛି ?

ବାପା – ହଁ, ସେ ଟୋପିଟି ତଳପଟୁ ଗୋଲେଇ ହୋଇ ଉପରକୁ ମୁନିଆଁ ହୋଇଛି ।

ଲିଜା – ଏ ପ୍ରକାର ଆକୃତିକୁ କ'ଣ କୁହାଯାଏ ?

ବାପା – ଏହି ଆକୃତି ଥିବା ବସ୍ତୁକୁ କୋନ୍ କୁହାଯାଏ ।

କେତୋଟି କୋନ୍ ଆକୃତି ଥିବା ବସ୍ତୁର ଉଦାହରଣ ଦିଅ ।



## ଅଭ୍ୟାସ

୧. ତଳେ ଦିଆଯାଇଥିବା ବସ୍ତୁଗୁଡ଼ିକର ଆକୃତିର ନାମ ଲେଖ ।

| | | | |
|---|---|---|---|
|  | ________ |  | ________ |
|  | ________ |  | ________ |
|  | ________ |  | ________ |
|  | ________ |  | ________ |

୨. ଗୋଲକ ଆକୃତିର ପାଞ୍ଚଟି ଜିନିଷ ଓ ଆୟତଘନାକୃତିର ପାଞ୍ଚଟି ଜିନିଷର ନାମ ଲେଖ ।

| | |
|---|---|
| ୧. ______________ | ୧. ______________ |
| ୨. ______________ | ୨. ______________ |
| ୩. ______________ | ୩. ______________ |
| ୪. ______________ | ୪. ______________ |
| ୫. ______________ | ୫. ______________ |

୩. ତଳେ ଦିଆଯାଇଥିବା ବସ୍ତୁର ଆକୃତି କିପରି,ତା' ଡାହାଣ ପଟେ ଥିବା କୋଠରିରେ ଲେଖ ।

| | | | |
|---|---|---|---|
| ବ୍ୟାଟେରୀ | | ତରଭୂଜ | |
| କମଳା | | ଇଟା | |
| ପେନ୍‌ସିଲ୍ | | ଗୁଲ୍‌ବାଡ଼ି | |
| ମହମବତୀ | | ଗାଜର | |
| ବହି | | କ୍ରିକେଟ୍ ବଲ୍ | |

୪. କାଗଜରେ ସିଲିଣ୍ଡର ଆକୃତି ଓ କୋନ୍ ଆକୃତି ତିଆରି କର ।

୫. ଦିଆସିଲି କାଠି ଓ ସାଇକେଲ୍‌ର ଭଲ୍‌ବଟ୍ୟୁବ୍ ବ୍ୟବହାର କରି ଚିତ୍ରରେ ଦେଖାଯାଇଥିବା ଆକୃତିଗୁଡ଼ିକୁ ତିଆରି କର ।



(ଏହିପରି କାଠି ଓ ଭଲ୍‌ବଟ୍ୟୁବ୍ / ସୂତା ବ୍ୟବହାର କରି ଅନେକ ପ୍ରକାରର ଆକୃତି ତିଆରି କରି ହେବ । ତୁମେ କେତୋଟି ତିଆରି କରିପାରିବ ?)

## ଚଟାଣ ସଜେଇବାର ପରିକଳ୍ପନା (ଡିଜାଇନ)



ଉପରେ ଦିଆଯାଇଥିବା ଟାଇଲର ଆକୃତିକୁ ଦେଖ । ଏହି ଟାଇଲ ଦୁଇଟି କିପରି ଯୋଡ଼ି ହୋଇପାରେ ଲକ୍ଷ୍ୟକର, ଏହିପରି ଟାଇଲ ଯୋଡ଼ି ଘର ଚଟାଣକୁ ସଜାଇବାର ଏକ ପରିକଳ୍ପନାକୁ ଦେଖ ।



ଗୋଟିଏ ଆକୃତିର ଟାଇଲମାନ ନେଇ ଏପରି ସଜା ଯାଇଛି ଯେ, ଟାଇଲଗୁଡ଼ିକ ମଧ୍ୟରେ ଫାଙ୍କ ନାହିଁ ଏବଂ ଟାଇଲ ସଜା ବା ଖଞ୍ଜାରେ ପରିକଳ୍ପନାଟି ଖୁବ୍ ସୁନ୍ଦର ହୋଇଛି । ତଳେ ଅନ୍ୟ ଏକ ଛଅ ଧାର ବିଶିଷ୍ଟ ଟାଇଲକୁ ଦେଖ ଏବଂ ଏହି ଆକୃତିର ଟାଇଲରେ ଘର ଚଟାଣକୁ ସଜାଇବାର ପରିକଳ୍ପନା (ଡିଜାଇନ)କୁ ଦେଖ ।





ତମେ କେଉଁ କେଉଁଠାରେ ଚଟାଣରେ ଟାଇଲସଜାର ପରିକଳ୍ପନା ଦେଖିଛ ଲେଖ ।

---

### ଅଭ୍ୟାସ

୧. ଏଗୁଡ଼ିକ ସମାନ ଆକୃତିର ଆୟତାକାର ଟାଇଲ ।



ଏହି ଆୟତାକାର ଟାଇଲକୁ ବ୍ୟବହାର କରି ଗୋଟିଏ ପ୍ରକାର ଚଟାଣସଜାର ପରିକଳ୍ପନା (ଡିଜାଇନ) ଦିଆଯାଇଛି ।



ଏହି ଟାଇଲରେ ଆଉ କେଉଁ କେଉଁ ପ୍ରକାର ଡିଜାଇନ କରିହେବ ନିଜ ଖାତାରେ କର ।

୨. ପୂରା ହୋଇନଥିବା ଚଟାଣ ସଜାକୁ ସମ୍ପୂର୍ଣ୍ଣ କର ।



୩. ଚଟାଣରେ କିଛି ଅଂଶରେ ଟାଇଲ ସଜା ଯାଇଛି, ଏହାକୁ ସମ୍ପୂର୍ଣ୍ଣକର ।



୪.  ଏହି ଆକୃତିର ଟାଇଲରେ ନିମ୍ନ ଡିଜାଇନର ଦୁଇଟି ଚିତ୍ର ପ୍ରସ୍ତୁତ ହୋଇଛି । ରଙ୍ଗ ମାଧ୍ୟମରେ ଗୋଟିଏ ପାହାଚ ଭଳି ଦିଶୁଥିବା ବେଳେ ଅନ୍ୟଟି ଫୁଲପରି ଦିଶୁଅଛି ।





- ନିମ୍ନରେ ଗୋଟିଏ ଡିଜାଇନର ୨ଟି ଚିତ୍ର ଦିଆଯାଇଛି । ବିଭିନ୍ନ ରଙ୍ଗ ବ୍ୟବହାର କରି ନିଜ ପସନ୍ଦର ପରିକଳ୍ପନା ପ୍ରସ୍ତୁତ କର ।



୫. ତୁମେ ନିଜେ ଟାଇଲର ଏକ ଆକୃତି ପ୍ରସ୍ତୁତ କର । ସେହି ଆକୃତିର ଚିତ୍ରକୁ ଏପରି ଭାବରେ ସଜାଅ, ଯେପରି ଏହା ଏକ କାନ୍ଥର ଡିଜାଇନ ବା ପୋଷାକର ଡିଜାଇନ ହୋଇ ପାରିବ ।

**ନକ୍ସା ପ୍ରସ୍ତୁତି :**

ତଳେ ଗୋଟିଏ ଗାଁର ନକ୍ସା ଦିଆଯାଇଛି । ନକ୍ସା ଦେଖି ଗାଁରେ କ'ଣ କ'ଣ ଅଛି କହ ।

ଉତ୍ତର

ପଶ୍ଚିମ




ପୂର୍ବ

ଦକ୍ଷିଣ

ଚିତ୍ର ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

୧. (କ) ଗାଁ'ରେ କ'ଣ ସବୁ ଥିବାର ତୁମେ ଦେଖୁଛ ?

(ଖ) ମନ୍ଦିରର କେଉଁ ଦିଗରେ ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ ?

(ଗ) ମନ୍ଦିରରୁ ବାହାରି ସିଧା ଉତ୍ତର ଦିଗକୁ ଗଲେ କ'ଣ ଦେଖିବ ?

(ଘ) ମନ୍ଦିରଠାରୁ ଉଚ୍ଚ ବିଦ୍ୟାଳୟକୁ ଯିବାକୁ ହେଲେ, ପ୍ରଥମେ ଉତ୍ତର ଦିଗକୁ ଯାଇ ତା'ପରେ କେଉଁ ଦିଗକୁ ଯିବାକୁ ହେବ ?

(ଙ) ମନ୍ଦିରଠାରୁ ମୀନା ପଶ୍ଚିମ ଦିଗରେ ଓ ସୋନୁ ଦକ୍ଷିଣ ଦିଗରେ ବାହାରିଲେ, ଗ୍ରାମ ପଞ୍ଚାୟତରେ ପହଞ୍ଚିବାକୁ କିଏ ବେଶୀ ବାଟ ଚାଲିବ ?

(ଚ) ମନ୍ଦିରଠାରୁ ବାହାରି ୩୦ ମିଟର ଦକ୍ଷିଣକୁ ଯିବାପରେ ୬୦ ମିଟର ପୂର୍ବକୁ ଗଲେ ରାସ୍ତାର ବାମକଡ଼େ କ'ଣ ଥିବାର ଦେଖିବ ?

(ଛ) ଡାକ୍ତରଖାନାରୁ କେଉଁ ଦିଗରେ ଗଲେ ଗାଁ' ହାଟ ପଡ଼ିବ ?

(ଜ) ଶ୍ୱେତା ଉଚ୍ଚ ବିଦ୍ୟାଳୟରୁ ବାହାରି ପ୍ରଥମେ ଦକ୍ଷିଣକୁ ଯାଇ ପରେ ପୂର୍ବକୁ ଗଲେ କେଉଁଠି ପହଞ୍ଚିବ ?

(ଝ) ପୋଖରୀରେ ଗାଧୋଇ ସାରି ନରହରିବାବୁ ପ୍ରଥମେ କେଉଁ ଦିଗରେ ଓ ପରେ କେଉଁ ଦିଗରେ ଗଲେ ମନ୍ଦିରରେ ଠାକୁର ଦର୍ଶନ କରିବେ ?

୨. ତୁମ ବିଦ୍ୟାଳୟରେ ଥିବା ଶ୍ରେଣୀଗୃହ, ଅଫିସ, ରୋଷେଇ ଘର, ପତାକା ପୀଠ, ନଳକୂପ ଓ ବଗିଚାକୁ ଦର୍ଶାଇ ଗୋଟିଏ ନକ୍ସା ଅଙ୍କନ କର ।